# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

**India's National Spiritual Newspaper**

₹ 10/-

1969 TO 2029 ECHO OF HIS CALL SINCE 1969

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

**Vol. XXVIII** YEAR OF OUR LORD JESUS CHRIST, 2026 APRIL **No.02**


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୧୪୮:୭-୧୪)

୭ ପୃଥିବୀରୁ ସଦାପ୍ରଭୁଙ୍କର ପ୍ରଶଂସା କର, ହେ ତିମିଙ୍ଗିଳ ଓ ସକଳ ବାରିଧି;

୮ ଅଗ୍ନି ଓ ଶିଳା, ହିମ ଓ ବାଷ୍ପ; ତାହାଙ୍କ ବାକ୍ୟସାଧକ ପ୍ରଚଣ୍ଡ ବାୟୁ;

୯ ପର୍ବତ ଓ ସକଳ ଉପପର୍ବତ; ଫଳବାନ ବୃକ୍ଷ ଓ ସକଳ ଏରସ ବୃକ୍ଷ;

୧୦ ବନ୍ୟ ଓ ସକଳ ଗ୍ରାମ୍ୟ ପଶୁ; ଉରୋଗାମୀ ଓ ଉଡ଼ନ୍ତୀୟମାନ ପକ୍ଷୀଗଣ;

୧୧ ପୃଥିବୀର ରାଜଗଣ ଓ ସକଳ ଗୋଷ୍ଠୀ; ଅଧିପତିଗଣ ଓ ପୃଥିବୀର ସକଳ ବିଚାରକର୍ତ୍ତା ।

୧୨ ଯୁବକ ଓ ଯୁବତୀମାନେ; ବୃଦ୍ଧ ଓ ବାଳକମାନେ;

୧୩ ସେସମସ୍ତେ ସଦାପ୍ରଭୁଙ୍କ ନାମର ପ୍ରଶଂସା କରନ୍ତୁ; କାରଣ କେବଳ ତାହାଙ୍କ ନାମ ଉନ୍ନତ ଅଟେ; ତାହାଙ୍କର ମହିମା ପୃଥିବୀ ଓ ସ୍ୱର୍ଗର ଉପରିସ୍ଥ ।

୧୪ ସେ ଆପଣା ଲୋକମାନଙ୍କ ଶୃଙ୍ଗ ଉଠାଇ ଅଛନ୍ତି, ତାହା ତାହାଙ୍କ ସଦ୍‌ଭକ୍ତମାନଙ୍କର ଓ ତାହାଙ୍କ ନିକଟବର୍ତ୍ତୀ ଇସ୍ରାଏଲ-ସନ୍ତାନଗଣର ପ୍ରଶଂସାର ବିଷୟ । ତୁମ୍ଭେମାନେ ସଦାପ୍ରଭୁଙ୍କର ପ୍ରଶଂସା କର ।



## ଈଶ୍ୱର ନିଜର ନୀରବତା ମଧ୍ୟରେ ଆପଣଙ୍କ ନିମନ୍ତେ କାର୍ଯ୍ୟ କରୁଛନ୍ତି !



**GOD IS WORKING FOR YOU THROUGH HIS SILENCE!**

ଭଉଣୀ ଆଞ୍ଜେଲାଇନ୍



ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କର ପୁନରୁତ୍ଥିତ ନାମରେ ଆମ ଆହ୍ୱାନର ପ୍ରତିଧ୍ୱନିର ସଂପ୍ରସାରିତ ପରିବାରଗୁଡ଼ିକୁ ଅଭିନନ୍ଦନ ଜଣାଉଅଛି । ପ୍ରଭୁ ମୋତେ ଯାହା କହିଅଛନ୍ତି ଓ ମୋର ନିଜସ୍ୱ ଜୀବନକୁ ନେଇ ଯାହା କରୁଅଛନ୍ତି, ସେଗୁଡ଼ିକୁ ଜଣାଇବାରେ ମୁଁ ଚର୍ବ୍ବ। ଅନନ୍ଦ ପାଏ । ଆପଣ ଯେଉଁ ପରିସ୍ଥିତିରେ ଥିଲେ ବି ହେଉ, ଯାହା ମୁଁ ଲେଖୁଛି, ତାହା ଯେପରି ଆପଣଙ୍କୁ ବିଶ୍ୱାସରେ ଅଗ୍ରସର ହେବା ପାଇଁ ଉତ୍ସାହିତ କରିବ, ଏହା ମୋର ଆଶା ଓ ପ୍ରାର୍ଥନା ଅଟେ – କାରଣ ଯଦି ସେ ମୋ' ନିମନ୍ତେ ଏହା କରି ପାରିଛନ୍ତି, ତେବେ ଆପଣଙ୍କ ନିମନ୍ତେ ମଧ୍ୟ ନିଶ୍ଚୟ ତାହା କରିବେ । ଏହିସମସ୍ତ ବାକ୍ୟ ସହିତ, ଆସନ୍ତୁ, ଆମେ ଏକ ଅନ୍ୟକୁ ଉତ୍ସାହିତ କରିବା ଓ ବିଜୟ ଯାତ୍ରାରେ ଅଗ୍ରସର ହେବା ।

### ସେ ଉଠିଅଛନ୍ତି !

"ସେ ଉଠିଅଛନ୍ତି !" କିପରି ଏକ ଶକ୍ତିପୂର୍ଣ୍ଣ ଘୋଷଣା ! ଏହା ଆମ ଖ୍ରୀଷ୍ଟୀୟ ବିଶ୍ୱାସର ମୂଳଦୁଆ ଅଟେ । ଆମେ ଆମର ପୁନରୁତ୍ଥିତ ଖ୍ରୀଷ୍ଟଙ୍କର ଶକ୍ତି ଉପରେ ଅନୁଚିନ୍ତନ କରୁଥିବା ସମୟରେ ଓ ଆପଣ ଏହାକୁ ପାଠ

(ଅବଶିଷ୍ଟ ୮ ମ ପୃଷ୍ଠାରେ)


ଆହ୍ୱାନର ପ୍ରତିଧ୍ୱନିର



ୟୁ-ଟ୍ୟୁବ୍ କ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!

ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ଭୋର ୨ ଟାରେ

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

★ Please Subscribe and Share ★

ECHO OF HIS CALL - (Marching towards 60th year)
Estd. 1969



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...

"...ତହିଁରେ ଇସ୍ରାଏଲର ଦୁଃଖରେ ତାହାଙ୍କର ପ୍ରାଣ ଅସ୍ଥିର ହେଲା" (ବିଚାରକର୍ତ୍ତା ୧୦:୧୬) ।



**ଆମର ମିଶନ ପଲିସୀ**

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Dr.Angeline S. Kumari, M.A., M.Sc., M.Ed.
EX MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran
Rev. Dr. William Robert, Ph.D., DD, D.Lit.

EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858
95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.org
YOUTUBE CHANNEL
Echo of His Call

ପ୍ରିୟ ବନ୍ଧୁଗଣ,

ଆମର ଈଶ୍ୱର ଉତ୍ତମ ଅଟନ୍ତି ଓ ସେ ଚିରଦିନ ଜୀବିତ ଅଟନ୍ତି । ଆପଣମାନଙ୍କ ମାଧ୍ୟମରେ ଏକ ନୂତନ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ, ସେ ଆପଣମାନଙ୍କୁ ତାଙ୍କ ମାର୍ଗରେ କଢ଼ାଇ ନିଅନ୍ତି । ଯେତେବେଳେ ଆପଣମାନେ ଜୀବନର ପଥ ମଧ୍ୟରେ ଝୁଣ୍ଟି ପଡ଼ନ୍ତି, ସେତେବେଳେ ସେ ଆପଣମାନଙ୍କୁ ଧରି, ପୁଣିଥରେ ସ୍ଥାପନ କରିବା ପାଇଁ ନିଜର ହସ୍ତ ପ୍ରସାରଣ କରନ୍ତି । ଆପଣମାନେ ଭୋଗିଥିବା ଯନ୍ତ୍ରଣାପୂର୍ଣ୍ଣ ଅନୁଭୂତିକୁ ସ୍ମରଣ କରିବା ସମୟରେ, ତାଙ୍କର ହୃଦୟ ଆପଣମାନଙ୍କ ପ୍ରତି ଦୟାରେ ବିଗଳିତ ହୁଏ । ସେଥିପାଇଁ, ସାହସ ଧରନ୍ତୁ – ଆପଣମାନଙ୍କର ଉଦ୍ଧାରର ଦିନଗୁଡ଼ିକ ନିକଟବର୍ତ୍ତୀ ହେଉଅଛି ।

"ଅନନ୍ତର ଇସ୍ରାଏଲ–ସନ୍ତାନଗଣ ସଦାପ୍ରଭୁଙ୍କ ଦୃଷ୍ଟିରେ ଯାହା ମନ୍ଦ, ତାହା ପୁନର୍ବାର କଲେ, ଆଉ ବାଲ୍–ଦେବତାଗଣର ଓ ଅଷ୍ଟାରୋତ୍ ଦେବୀଗଣର ଓ ଅରାମ୍ ଦେବଗଣର ଓ ସୀଦୋନ ଦେବଗଣର ଓ ପଲେଷ୍ଟୀୟ ଦେବଗଣର ସେବା କଲେ, ପୁଣି ସେମାନେ ସଦାପ୍ରଭୁଙ୍କୁ ପାସୋରିଲେ ଓ ତାହାଙ୍କର ସେବା କଲେ ନାହିଁ" (ବିଚାରକର୍ତ୍ତା ୧୦:୬) ।

ଇସ୍ରାଏଲୀୟମାନେ ଈଶ୍ୱରଙ୍କଠାରୁ ବିମୁଖ ହୋଇ ବିଦେଶୀ ଦେବତାମାନଙ୍କର ପୂଜା କରୁଥିବାରୁ ସଦାପ୍ରଭୁ ସେମାନଙ୍କଠାରୁ ଦୂରେଇ ଯାଇଥିଲେ । ଏହା ଫଳରେ, ସେମାନେ ସେମାନଙ୍କର ଶତ୍ରୁମାନଙ୍କ ଦ୍ୱାରା ଅତିରିକ୍ତଭାବରେ ଅତ୍ୟାଚାରିତ ହୋଇଥିଲେ । ମାତ୍ର ସେମାନେ ନିଜ ନିଜର ପାପ ସ୍ୱୀକାର କରି, ସମ୍ପୂର୍ଣ୍ଣ ହୃଦୟର ସହିତ ତାଙ୍କ ନିକଟକୁ ଫେରି ଆସିବାରୁ, ସେ ଦୟାରେ ବିଗଳିତ ହୋଇଥିଲେ ଓ ସେମାନଙ୍କୁ ଉଦ୍ଧାର କରିଥିଲେ । ସେହି ଜାତି ପୁଣି ଥରେ ବିଜୟ ଓ ଶାନ୍ତି ଉପଭୋଗ କରିଥିଲା ।

"ଆହୁରି ଅମ୍ମୋନ–ସନ୍ତାନମାନେ ଯିହୁଦା ବିରୁଦ୍ଧରେ, ବିନ୍ୟାମୀନ ବିରୁଦ୍ଧରେ, ଇଫ୍ରୟିମ ବଂଶ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଯର୍ଦ୍ଦନ ପାର ହୋଇ ଗଲେ, ତହିଁରେ ଇସ୍ରାଏଲ ଅତିଶୟ କ୍ଲେଶ ପାଇଲେ । ତେଣୁ ଇସ୍ରାଏଲ ସନ୍ତାନଗଣ ସଦାପ୍ରଭୁଙ୍କ ନିକଟରେ କ୍ରନ୍ଦନ କରି କହିଲେ, ଆମ୍ଭେମାନେ ତୁମ୍ଭ ବିରୁଦ୍ଧରେ ପାପ କରିଅଛୁ, କାରଣ ଆମ୍ଭେମାନେ ଆପଣାମାନଙ୍କର ପରମେଶ୍ୱରଙ୍କୁ ପରିତ୍ୟାଗ କରିଅଛୁ ଓ ବାଲ୍ ଦେବତାଗଣର ସେବା କରିଅଛୁ" (ବିଚାରକର୍ତ୍ତା ୧୦:୯–୧୦) ।

ଇସ୍ରାଏଲୀୟ ସନ୍ତାନମାନଙ୍କର କ୍ରନ୍ଦନ ଶୁଣି, ସଦାପ୍ରଭୁ ଦୟାରେ ବିଗଳିତ ହୋଇଥିଲେ ଓ ସେମାନଙ୍କର ଅତ୍ୟାଚାରୀମାନଙ୍କଠାରୁ ସେମାନଙ୍କୁ ଉଦ୍ଧାର କରିଥିଲେ ।

"ଏଉତ୍ତାରେ ସେମାନେ ଆପଣାମାନଙ୍କ ମଧ୍ୟରୁ ବିଦେଶୀୟ ଦେବଗଣଙ୍କୁ ଦୂର କରି ସଦାପ୍ରଭୁଙ୍କର ସେବା କଲେ, ତହିଁରେ ଇସ୍ରାଏଲର ଦୁଃଖରେ ତାହାଙ୍କର ପ୍ରାଣ ଅସ୍ଥିର ହେଲା" (ବିଚାରକର୍ତ୍ତା ୧୦:୧୬) ।

ଆପଣ ଏକାକୀ ଆପଣଙ୍କର ଦୁଃଖ ସହ୍ୟ କରନ୍ତି ନାହିଁ । ଆପଣ ଅନୁଭବ କରୁଥିବା ଯନ୍ତ୍ରଣାକୁ ଈଶ୍ୱର ମଧ୍ୟ ଅନୁଭବ କରନ୍ତି । କେହି ହୁଏତ ଆପଣଙ୍କ ସଂଘର୍ଷର ଗଭୀରତାକୁ ସମ୍ପୂର୍ଣ୍ଣଭାବରେ ବୁଝନ୍ତି ନାହିଁ, ମାତ୍ର ଈଶ୍ୱର ସମ୍ପୂର୍ଣ୍ଣ ଭାବରେ ବୁଝନ୍ତି । ନିରୁତ୍ସାହିତ ହୁଅନ୍ତୁ ନାହିଁ । ବଳବାନ୍ ଓ ସାହସିକ ହୁଅନ୍ତୁ । ସଦାପ୍ରଭୁ ଆପଣମାନଙ୍କ ନିମନ୍ତେ ଏକ ଅସାଧାରଣ ଆଶ୍ଚର୍ଯ୍ୟକର୍ମ ସାଧନ କରିବେ ।

ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା, ନିହିମିୟା ବାଇବଲ କଲେଜ ଗୁଡ଼ିକ ଉତ୍ତମଭାବେ କାର୍ଯ୍ୟ କରୁଛି ଓ ଆମେ ତାଙ୍କର ଅଶେଷ ବିଶ୍ୱସ୍ତତା ଓ ଯାଚନା ନିମନ୍ତେ କୃତଜ୍ଞ ଅଟୁ ।



ବରିଷ୍ଠ ପାଷ୍ଟର, ଶ୍ରୀକୁମାର (ପୂର୍ବତନ ଛାତ୍ର)ଙ୍କ ସହିତ ନିହିମିୟା ବାଇବଲ କଲେଜର ଛାତ୍ରଛାତ୍ରୀ ବୃନ୍ଦ ।

ଆମେ ଆନନ୍ଦର ସହିତ ଏହା ଘୋଷଣା କରୁଅଛୁ ଯେ ଆମର କଲେଜ ବର୍ତ୍ତମାନ ''ନେସନ୍ସ ଆସୋସିଏସନ୍ ଫର୍ ଥିଓଲୋଜିକାଲ୍ ଆକ୍ରେଡ଼ିଟେସନ୍'' **(Nations Association for Theological Accreditation (NATA))** ଠାରୁ ସ୍ୱୀକୃତି ପାଇଅଛି । ଏହି ଗୁରୁତ୍ୱପୂର୍ଣ୍ଣ କୃତିତ୍ୱ ଆମର ଆନୁଷ୍ଠାନିକ ମାନଦଣ୍ଡକୁ ଦୃଢ଼ କରିବାରେ ଓ ଆମ ସେବାକାର୍ଯ୍ୟର ପ୍ରଭାବକୁ ପ୍ରଶସ୍ତ କରିବାରେ ଏକ ବଡ଼ ପଦକ୍ଷେପ ଅଟେ ।

ଏହା ସହିତ, ବର୍ତ୍ତମାନର ଶିକ୍ଷାବର୍ଷର ଆରମ୍ଭରେ, ଆମେ ବ୍ୟାଚେଲର୍ ଅଫ୍ ଥିଓଲୋଜି **(B.Th)** କାର୍ଯ୍ୟକ୍ରମର ଶୁଭାରମ୍ଭ କରିଅଛୁ । ଏହି ନୂତନ ପାଠ୍ୟକ୍ରମ ଛାତ୍ରମାନଙ୍କୁ ସଠିକ୍ ବାଇବଲ ଜ୍ଞାନ, ଗଭୀରତମ ଧର୍ମତାତ୍ତ୍ୱିକ ବୋଧଜ୍ଞାନ ଓ ବ୍ୟାବହାରିକ ପ୍ରଚାର ତାଲିମ ସହିତ ଅଧିକ ସଫଳ ଭାବରେ ପ୍ରସ୍ତୁତ କରିବା ପାଇଁ ଉଦ୍ଦିଷ୍ଟ ଅଟେ ।



ମହାବଲିପୁରମ୍‌ଠାରେ ଆମ ନିହିମିୟା ବାଇବଲ କଲେଜର ଛାତ୍ରମାନଙ୍କର ବିଶେଷ ସଭା

ଜାନୁୟାରୀ ୨୪ ତାରିଖରେ, ଆମେ ମହାବଳିପୁରମ୍‌ଠାରେ ଛାତ୍ରମାନଙ୍କର ଏକ ବିଶେଷ ସଭାର ଆୟୋଜନ କରିଥିଲୁ । ଏହି ଆତ୍ମିକ ସମାବେଶ ସମୟରେ, ଶାମୁୟେଲ ହାରୋଣ ''ଖ୍ରୀଷ୍ଟଙ୍କ ସହିତ ଅନ୍ତରଙ୍ଗତା'' ଉପରେ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିଥିଲେ । ଏହି ଅଧିବେଶନଗୁଡ଼ିକ ଗଭୀରଭାବେ ନିଷ୍ଠାଜନକ ଥିଲା ଓ ଆମର ଛାତ୍ରମାନେ ଅର୍ଥପୂର୍ଣ୍ଣ ସହଭାଗିତା, ଉତ୍ସାହପ୍ରଦ ଉପାସନା ଓ ଯୀଶୁ ଖ୍ରୀଷ୍ଟଙ୍କ ଉପରେ କେନ୍ଦ୍ରିଭୂତ ଜୀବନ ଶିକ୍ଷା ମାଧ୍ୟମରେ ଶକ୍ତିଯୁକ୍ତ ଓ ଉତ୍ସାହିତ ହୋଇଥିଲେ ।

ଆମେ ବିନମ୍ରଭାବରେ ବାଇବଲ କଲେଜ ସେବାକାର୍ଯ୍ୟ ନିମନ୍ତେ ଆପଣମାନଙ୍କର ନିରବଚ୍ଛିନ୍ନ ପ୍ରାର୍ଥନାର ଅନୁରୋଧ କରୁଅଛୁ । ଦୟାକରି ଆମକୁ ପ୍ରାର୍ଥନାରେ ତୋଳି ଧରନ୍ତୁ ଓ ଆଗାମୀ ଶିକ୍ଷାବର୍ଷ ନିମନ୍ତେ ଯଥେଷ୍ଟ ସଂଖ୍ୟକ ନୂତନ ଛାତ୍ର ଯୋଗାଇବା ପାଇଁ ଓ ତାଙ୍କ ଗୌରବ ନିମନ୍ତେ ଏହି ଅନୁଷ୍ଠାନକୁ ବ୍ୟବହାର କରି ଚାଲିବା ପାଇଁ ତାଙ୍କ ନିକଟରେ ନିବେଦନ କରନ୍ତୁ ।

ଖ୍ରୀଷ୍ଟ ଯୀଶୁରେ, ଆପଣମାନଙ୍କର ଭାଇ,

ପାଳକ ଏସ୍.ସାମ୍.ସେଲ୍‌ଭାରାଜ
E.mail : sam@echoofhiscall.org

**ବିଜ୍ଞାପନ**

ଆପଣମାନଙ୍କର ମୋବାଇଲ ଫୋନ୍‌ରେ ଆମର ମୋବାଇଲ ନମ୍ବରଗୁଡ଼ିକୁ
(୯୧-୯୮୪୧୦୭୧୮୫୮),
(୯୧-୯୮୪୧୨୭୧୮୫୮)
(ମୁଖ୍ୟ ନମ୍ବର) – ସଂରକ୍ଷିତ ରଖନ୍ତୁ ।

ସମ୍ପାଦକ

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

କରୁଥିବା ସମୟରେ, ସେ ଆପଣଙ୍କର ପରିସ୍ଥିତି ମଧ୍ୟରେ କଥା କୁହନ୍ତୁ ।

ଶୁଭ ଶୁକ୍ରବାର ଓ ଇଷ୍ଟରର କାହାଣୀକୁ ବହୁପୂର୍ବରୁ କୁହାଯାଇଥିଲା – ପ୍ରକୃତରେ, ଜଗତର ପତନ ପୂର୍ବରୁ କୁହା ଯାଇଥିଲା । ଏହା ମାନବ ଇତିହାସର ସର୍ବଶ୍ରେଷ୍ଠ ଘଟଣା ହୋଇରହିଛି । ଐତିହାସିକ ଭାବରେ, ବୈଜ୍ଞାନିକ ଭାବରେ ଓ ଆତ୍ମିକ ଭାବରେ, ଏହା ସମସ୍ତ ଜଗତର ହୃଦୟ ଗୁଡ଼ିକୁ ଆକର୍ଷିତ କରିବା ଅବ୍ୟାହତ ରଖୁ ।

ପୁନରୁତ୍ଥାନର ବର୍ଣ୍ଣନା, ପ୍ରାୟତଃ ତିନିଦିନ ମଧ୍ୟରେ ଆଚ୍ଛାଦିତ ହୋଇ ରହିଛି : ଶୁଭ ଶୁକ୍ରବାର, ନୀରବ ଶନିବାର ଓ ପୁନରୁତ୍ଥାନ ରବିବାର ।

ଆମେ ଶୁଭ ଶୁକ୍ରବାର ବିଷୟରେ ଅଧିକ କହୁ ଓ ପୁନରୁତ୍ଥାନ ରବିବାରରେ ଆନନ୍ଦ କରୁ । ମାତ୍ର ନୀରବ,

# ଅତି ଜରୁରୀ ବିଜ୍ଞାପନ




ନିକଟ ଭବିଷ୍ୟତରେ ''ଆହ୍ୱାନର ପ୍ରତିଧ୍ୱନି''କୁ ଡାକ ଯୋଗେ ପ୍ରେରଣ କରିବାରେ ବାଧା ସୃଷ୍ଟି ହୋଇପାରେ । ଯଦି ଆପଣମାନେ ବିନା ବାଧାରେ ଆହ୍ୱାନର ପ୍ରତିଧ୍ୱନି ପତ୍ରିକା ପାଇବାକୁ ଇଚ୍ଛା କରୁଛନ୍ତି, ତେବେ ଦୟାକରି ଆମକୁ ଆପଣମାନଙ୍କର ନାମ, ଠିକଣା, ଇ-ମେଲ ଓ ହ୍ୱାଟସ୍‌ଆପ୍ ନମ୍ବର, ପତ୍ର, ଇ-ମେଲ, ଫୋନ୍ କିମ୍ବା ଏସ୍‌ଏମ୍‌ଏସ୍/ହ୍ୱାଟସ୍‌ଆପ୍ ମେସେଜ୍ ମାଧ୍ୟମରେ ଅତିଶୀଘ୍ର ପ୍ରେରଣ କରନ୍ତୁ । ଆପଣମାନଙ୍କ ସାହାଯ୍ୟ ଉତ୍କୃଷ୍ଟତର ସେବା କରିବାରେ ଆମକୁ ସାହାଯ୍ୟ କରିବ ।

ଆମର ଠିକଣା :

**ECHO OF HIS CALL,**
**10, Mohammed Abdullah 2nd Street, Chepauk, Chennai-600 005, India**
**Cell: (+91) 98412 71858 / 98410 71858 E.mail: sam@echoofhiscall.org**

ଶାନ୍ତ ଶନିବାର ବିଷୟରେ କ'ଣ କୁହାଯାଏ ? ମୁଁ ଏହାକୁ "ନୀରବ" ବୋଲି କହେ, କାରଣ ଧର୍ମଶାସ୍ତ୍ର ସେହିଦିନ ବିଷୟରେ ପ୍ରାୟ କିଛି କହି ନାହିଁ । କିଛି ନାଟକୀୟ ଘଟଣାକୁ ଲିପିବଦ୍ଧ କରାଯାଇ ନାହିଁ । ଏହା ନୀରବ, ଏହା ଶାନ୍ତ ଅଟେ । କୌଣସି ଦୃଶ୍ୟ କାର୍ଯ୍ୟ ନାହିଁ ।

ଅନେକେ କଳ୍ପନା କରନ୍ତି ଯେ ଯୀଶୁ ସେହିଦିନ ମଧ୍ୟ କ୍ରୁଶ ଉପରେ ଝୁଲି ରହିଥିଲେ – ଏହା ଶିଷ୍ୟମାନଙ୍କ ପାଇଁ ନିମ୍ନଲିଖିତ ବିଷୟ ସମ୍ବନ୍ଧରେ ଏକ ଯନ୍ତ୍ରଣାପୂର୍ଣ୍ଣ ସ୍ମାରକ ଅଟେ :

*ଭଗ୍ନ ପ୍ରତିଜ୍ଞାଗୁଡ଼ିକ ମର୍ମଭେଦୀ ଯନ୍ତ୍ରଣା*
*ଦଣ୍ଡ ଓ ଲଜ୍ଜାର ସ୍ଥାନ*
*ବିଫଳତା ଓ ପରାଜୟର ଚିତ୍ର*
*ନ ଫେରିବାର ସ୍ଥିତି ।*

ଶୁଭ ଶୁକ୍ରବାର ଆମକୁ ଭଗ୍ନ କରେ । ପୁନରୁତ୍ଥାନ ରବିବାର ଆମକୁ ଉଠାଇ କରେ । ମାତ୍ର ନୀରବ ଶନିବାର ଆମକୁ ଗଠନ କରେ ।

ଏହି ଦିନ କିଛି ଘଟିବା ଭଳି ମନେହୁଏ ନାହିଁ – ତଥାପି ସବୁକିଛି ଘଟୁଥାଏ । ଏହି ଦିନ ଈଶ୍ୱର କିଛି କହନ୍ତି ନାହିଁ – ତଥାପି ତାଙ୍କର ଯୋଜନା ଉନ୍ମୋଚିତ ହେଉଥାଏ । ଏହି ଦିନ ଜଗତ ନୀରବତାକୁ ଦେଖେ – ମାତ୍ର ସ୍ୱର୍ଗ ଗତିଶୀଳତାକୁ ଦେଖେ ।

## ୧. ଶନିବାର ଏପରି ଦିନ, ଯାହାକୁ ଆମେ ବୁଝି ନାହୁଁ ।

ଯଦିଓ ଯୀଶୁ ସ୍ପଷ୍ଟ ଭାବରେ କହିଥିଲେ, "ମୁଁ ତିନିଦିନ ପରେ ପୁଣି ଥରେ ଉଠିବି" (ମାର୍କ ୮:୩୧), ତଥାପି ଶୁକ୍ରବାରର ଆଘାତ ପ୍ରତିଶ୍ରୁତିକୁ ଆଚ୍ଛାଦିତ କରି ଦେଇଥିଲା ।

ଶନିବାର ସେହିଦିନ, ଯେତେବେଳେ :

* ଈଶ୍ୱର ଲୁକ୍କାୟିତ ବୋଲି ଅନୁଭବ ଆସେ ।
* ପ୍ରାର୍ଥନାଗୁଡ଼ିକ ଉତ୍ତର ବିହୀନ ବୋଲି ମନେହୁଏ ।
* ବିଶ୍ୱାସ ଭଙ୍ଗୁର ମନେହୁଏ ।

ଶିଷ୍ୟମାନେ ଧ୍ୱସ୍ତ ବିଧ୍ୱସ୍ତ ହୋଇଥିଲେ । ଯୀଶୁ ମୃତ୍ୟୁବରଣ କରି ସାରିଥିଲେ । ସେମାନଙ୍କର ସ୍ୱପ୍ନ, ଆଶା ଓ ବିଶ୍ୱାସ ଛିନ୍ନ ବିଚ୍ଛିନ୍ନ ହୋଇ ତାଙ୍କ ସହିତ ସମାଧିସ୍ଥ ହୋଇଥିଲା । ଯଦି ଏହା ସେମାନଙ୍କର ଗୁରୁଙ୍କର ଦଶା ଥିଲା, ତେବେ ସେମାନଙ୍କର ଦଶା କ'ଣ ହେବ ? ସେହି ଶନିବାର ସକାଳଟି ଯନ୍ତ୍ରଣା, ଦୁଃଖ, ଭୟ ଓ ଦ୍ୱନ୍ଦ୍ୱରେ ପରିପୂର୍ଣ୍ଣ ଥିଲା । ଭଗ୍ନ ଓ ଭୟଭୀତ ହୋଇ, ସେମାନେ ରୁଦ୍ଧ ଦ୍ୱାର ପଛରେ ଲୁଚିଥିଲେ ।

ଆମ ମଧ୍ୟରୁ ଅନେକେ ସେମାନଙ୍କ ନିଜସ୍ୱ "ଶନିବାରଗୁଡ଼ିକ" ଭିତରେ ଲୁଚିଥାନ୍ତି – ନିଜ ନିଜକୁ ଜଗତ ଠାରୁ ଦୂରେଇ ରଖନ୍ତି ।

ଏହି ବାର୍ତ୍ତା ଆପଣମାନଙ୍କ ନିମନ୍ତେ !

ଯୀଶୁ ସେମାନଙ୍କର ରୁଦ୍ଧ କୋଠରୀ ମଧ୍ୟରେ ପ୍ରବେଶ କରିଥିଲେ ଓ ଗୋଟିଏ ଶବ୍ଦ କହିଥିଲେ – "ଶାନ୍ତି" । ଏହା ସେପରି ଆପଣଙ୍କର ନୀରବ ଶନିବାର ପାଇଁ ଈଶ୍ୱରଙ୍କର ଭାବବାଣୀଯୁକ୍ତ ଶବ୍ଦ ହେବ, ଏଥିପାଇଁ ମୁଁ ପ୍ରାର୍ଥନା କରୁଅଛି – "ଶାନ୍ତି" ।

"... ଯେତେବେଳେ ଶିଷ୍ୟମାନେ ଯେଉଁ ଗୃହରେ ଥିଲେ, ସେଥିର ଦ୍ୱାରଗୁଡ଼ିକ ଯିହୁଦୀମାନଙ୍କ ଭୟରେ ରୁଦ୍ଧ ଥିଲା, ସେତେବେଳେ ଯୀଶୁ ଆସି ମଧ୍ୟ ସ୍ଥଳରେ ଠିଆ ହୋଇ ସେମାନଙ୍କୁ କହିଲେ, "ତୁମ୍ଭମାନଙ୍କର ଶାନ୍ତି ହେଉ" (ଯୋହନ ୨୦:୧୯) ।



*ଯୀଶୁ କହିଲେ, "ତୁମ୍ଭମାନଙ୍କର ଶାନ୍ତି ହେଉ ।"*

ଯୋଷେଫ ଈଶ୍ୱରଙ୍କ ଠାରୁ ଆଗତ ସ୍ୱପ୍ନ ସବୁ ଦେଖିଥିଲେ, ତଥାପି ନିଜକୁ ପ୍ରଥମେ ଗୋଟିଏ ଗର୍ତ୍ତରେ ଓ ପରେ ଗୋଟିଏ କାରାଗାର ମଧ୍ୟରେ ପାଇଥିଲେ । କୌଣସି ସ୍ୱର, କୌଣସି ସ୍ପଷ୍ଟୀକରଣ, କୌଣସି ସ୍ପଷ୍ଟତା ନ ଥିଲା । ମାତ୍ର ଈଶ୍ୱର ନିଜ ଉଦ୍ଦେଶ୍ୟ ପାଇଁ ତାଙ୍କୁ ଉଚ୍ଚ ପଦବୀରେ ରଖିବା ନିମନ୍ତେ ଦୃଶ୍ୟ ପଛରେ କାର୍ଯ୍ୟ କରୁଥିଲେ ।



*ଈଶ୍ୱରଙ୍କ ନୀରବତା ପରେ ଆଶ୍ଚର୍ଯ୍ୟକର୍ମ ଘଟେ ।*

ଯେତେବେଳେ ଇସ୍ରାଏଲୀୟମାନେ ସୂଫ ସମୁଦ୍ର ସମ୍ମୁଖରେ ଠିଆ ହୋଇଥିଲେ ଓ ସେମାନଙ୍କ ପଛରେ ଫାରୋ ଓ ଉଭୟ ପାର୍ଶ୍ୱରେ ପର୍ବତ ରହିଥିଲା – ସେତେବେଳେ "ଭୟ ଓ ସନ୍ଦେହ ସେମାନଙ୍କୁ ଭାରାକ୍ରାନ୍ତ କରିଥିଲା । ଈଶ୍ୱର ନୀରବ ରହିବା ଭଳି ମନେ ହେଉଥିଲେ । ମାତ୍ର ସେହି ନୀରବତା ଭିତରେ, ସେ ଏକ ଅଲୌକିକ କାର୍ଯ୍ୟ ପ୍ରସ୍ତୁତ କରୁଥିଲେ" (ଯାତ୍ରାପୁସ୍ତକ ୧୪:୧୩–୧୪) ।

ଶନିବାର ଆମକୁ ସ୍ମରଣ କରାଇ ଦିଏ ଯେ ନୀରବତାର ଅର୍ଥ ନୁହେଁ ପରିତ୍ୟାଗ ।

## ୨. ଈଶ୍ୱର ଅନ୍ଧକାର ଭିତରେ ନିଜର ଗଭୀରତମ କାର୍ଯ୍ୟ କରନ୍ତି

ଯେତେବେଳେ ଆମେ ଆଦୌ କିଛି ଦେଖି ପାରି ନ ଥାଉ, ସେତେବେଳେ ହିଁ ଈଶ୍ୱର ପ୍ରାୟ ସର୍ବାଧିକ ଶକ୍ତିପୂର୍ଣ୍ଣ ଭାବରେ କାର୍ଯ୍ୟ କରନ୍ତି ।



ଈଶ୍ୱରଙ୍କ ସୃଷ୍ଟି

"ଆଦ୍ୟରେ ପରମେଶ୍ୱର ସ୍ୱର୍ଗ ଓ ପୃଥିବୀର ସୃଷ୍ଟି କଲେ । ପୃଥିବୀ ନିର୍ଜନ ଓ ଶୂନ୍ୟ ଥିଲା, ଆଉ ଗଭୀର ଜଳ ଉପରେ ଅନ୍ଧକାର ଥିଲା, ପୁଣି ପରମେଶ୍ୱରଙ୍କ ଆତ୍ମା ଜଳ ଉପରେ ବ୍ୟାପ୍ତ ଥିଲେ" (ଆଦି ୧:୧,୨) ।

ଅନ୍ଧକାର ପ୍ରତ୍ୟେକ ବିଷୟକୁ ଆଚ୍ଛାଦନ କରିଥିଲା, ମାତ୍ର ଈଶ୍ୱରଙ୍କ ଆତ୍ମା ଘୂରି ବୁଲୁଥିଲେ । ସେ କାର୍ଯ୍ୟ କରୁଥିଲେ – ମାତ୍ର ଅଦେଖା ଭାବରେ ।

ଯେତେବେଳେ ଆପଣଙ୍କର ପ୍ରାର୍ଥନା ଉତ୍ତର ବିହୀନ ବୋଲି ମନେହୁଏ ...

ଯେତେବେଳେ ଆପଣଙ୍କର ସଫଳତା ବିଳମ୍ବ ହୁଏ...

ଯେତେବେଳେ ଆପଣଙ୍କର ହୃଦୟ ଅପେକ୍ଷା କରୁଥାଏ ...

ସେତେବେଳେ ମଧ୍ୟ ଈଶ୍ୱର ଦୃଶ୍ୟ ପଛରେ ଗତିଶୀଳ ଥାଆନ୍ତି ।

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

GREAT COMMISSION PARTNERS
ECHO OF HIS CALL MINISTRIES SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

**ପ୍ରଶଂସା ଓ ପ୍ରାର୍ଥନାର ବିଷୟ,**

(୨୦୨୬ ଏପ୍ରିଲ ୧୯ ରୁ ମଇ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

- ଏପ୍ରିଲ ୧୯ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲଭାରାଜ୍‌ଙ୍କର "ଅନଲିନ୍‌ର ୟୁ-ଟ୍ୟୁବ" ବାର୍ତ୍ତା ମାଧ୍ୟମରେ ମିଳୁଥିବା ସାକ୍ଷ୍ୟଗୁଡ଼ିକ ନିମନ୍ତେ ।
- ଏପ୍ରିଲ ୨୦ ⇨ ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କର ପରିବାର ନିମନ୍ତେ ।
- ଏପ୍ରିଲ ୨୧ ⇨ ଈଶ୍ୱର ଆମର ସମସ୍ତ ପ୍ରାର୍ଥନା ସାଥୀ, ସଙ୍ଗସଭା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀ, ଅନୁରୋଧ ସାଥୀ ଓ ସେମାନଙ୍କର ପରିବାରଗୁଡ଼ିକୁ ଦୟା କରିଥିବାରୁ ।
- ଏପ୍ରିଲ ୨୨ ⇨ ଆମର ସମସ୍ତ ମଣ୍ଡଳୀ, ସଣ୍ଡେସ୍କୁଲ, ଯୁବ ସେବାକାର୍ଯ୍ୟ ଓ ଡାକ୍ତରଖାନା ସେବାକାର୍ଯ୍ୟ ଉପରେ ଈଶ୍ୱରଙ୍କ ଆଶୀର୍ବାଦ ନିମନ୍ତେ ।
- ଏପ୍ରିଲ ୨୩ ⇨ ଆମର ବାଇବଲ କୋର୍ (ବାଇବଲ କରେସ୍‌ପଣ୍ଡେନ୍ସ ପାଠ୍ୟକ୍ରମ) ଓ ଆମର ଥିଓଲୋଜିକାଲ୍ କରେସପଣ୍ଡେନ୍ସ ପାଠ୍ୟକ୍ରମ ଉପରେ ଈଶ୍ୱରଙ୍କର ନିରବଚ୍ଛିନ୍ନ ଆଶୀର୍ବାଦ ନିମନ୍ତେ ।
- ଏପ୍ରିଲ ୨୪ ⇨ ସମର୍ପିତ ଓ ଯୋଗ୍ୟ ନୂତନ ପ୍ରାର୍ଥୀମାନଙ୍କୁ ନିଯୁକ୍ତ କରିବା ପାଇଁ ଆମର ଅନୁଷ୍ଠାନକୁ ସାମର୍ଥ୍ୟ ଦେବା ନିମନ୍ତେ ଈଶ୍ୱର ଡାକରା ଦେଇଥିବାରୁ ।
- ଏପ୍ରିଲ ୨୫ ⇨ ଆମର ରାଜ୍ୟ ସଂଯୋଜକ ଓ ସେମାନଙ୍କ ପରିବାରଗୁଡ଼ିକ ଉପରେ ଈଶ୍ୱରଙ୍କ ଆଶୀର୍ବାଦ ନିମନ୍ତେ ।
- ଏପ୍ରିଲ ୨୬ ⇨ ଆମର ମିଶନେରୀମାନଙ୍କର ଅବିଚଳିତ ସମର୍ପଣ ନିମନ୍ତେ ।
- ଏପ୍ରିଲ ୨୭ ⇨ ବହୁଭାଷାଭାଷୀ ଅପହଞ୍ଚ ଲୋକମାନଙ୍କ ନିକଟକୁ ଆମର "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ ଚ୍ୟାନେଲ" ମାଧ୍ୟମରେ ପହଞ୍ଚିବାରେ ଈଶ୍ୱର ଆମକୁ ସମର୍ଥ କରିଥିବାରୁ ।
- ଏପ୍ରିଲ ୨୮ ⇨ ଅର୍ଥନୈତିକ ବର୍ଷ ୨୦୨୫-୨୦୨୬ ପାଇଁ ଈଶ୍ୱରଙ୍କର ଆଶୀର୍ବାଦ ନିମନ୍ତେ ।
- ଏପ୍ରିଲ ୨୯ ⇨ ଆମର ସମସ୍ତ ମଣ୍ଡଳୀ କାର୍ଯ୍ୟରେ ଉଦ୍‌ଯୋଗର ସହିତ ଅଂଶଗ୍ରହଣ କରିବା ପାଇଁ ଈଶ୍ୱର ଯୁବାଯୁବତୀମାନଙ୍କୁ ପ୍ରେରଣା ଦେଇଥିବାରୁ ।
- ଏପ୍ରିଲ ୩୦ ⇨ ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ଛାତ୍ରମାନଙ୍କୁ ସେମାନଙ୍କର ୧୦ମ ବୋର୍ଡ ପରୀକ୍ଷାକୁ ସଫଳଭାବରେ ସଂପୂର୍ଣ୍ଣ କରିବା ପାଇଁ ସାମର୍ଥ୍ୟ ଦେଇଥିବାରୁ ।
- ମଇ ୧ ⇨ ଈଶ୍ୱର ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲଭାରାଜ୍ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଅଧିପତ୍ୟରୁ ସୁରକ୍ଷା ଦେଇଥିବାରୁ ।
- ମଇ ୨ ⇨ ଆମ ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ସେମାନଙ୍କର ପରିବାରଗୁଡ଼ିକ ଉପରେ ଈଶ୍ୱରଙ୍କ ଆଶୀର୍ବାଦ ଓ ସୁରକ୍ଷା ଥିବାରୁ ।
- ମଇ ୩ ⇨ ୨୦୨୬ ଏପ୍ରିଲ ୧୦ରେ ଅନୁଷ୍ଠିତ ହୋଇଥିବା ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲର ବାର୍ଷିକ ଉତ୍ସବ ଉପରେ ଈଶ୍ୱର ଆଶୀର୍ବାଦ କରିଥିବାରୁ ।

## ଦୟାକରି ପ୍ରାର୍ଥନା କରନ୍ତୁ

- ମଇ ୪ ⇨ ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାରଗୁଡ଼ିକ ନିମନ୍ତେ ।
- ମଇ ୫ ⇨ ଆମ ଅନୁଷ୍ଠାନର ସମସ୍ତ କର୍ମଚାରୀମାନଙ୍କ ମଧ୍ୟରେ ଏକତା ଓ ମନର ମିଳନ ନିମନ୍ତେ ।
- ମଇ ୬ ⇨ ୨୦୨୬-୨୦୨୭ ଶିକ୍ଷା ବର୍ଷ ପାଇଁ ଆମର ଆବାସିକ ଓ ସାନ୍ଧ୍ୟ ନିହିମିୟା ବାଇବଲ କଲେଜରେ ଯୋଗ୍ୟ ଛାତ୍ରମାନଙ୍କର ଆଡ୍‌ମିଶନ ନିମନ୍ତେ ।
- ମଇ ୭ ⇨ ୨୦୨୬-୨୦୨୭ ଶିକ୍ଷାବର୍ଷ ପାଇଁ ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲରେ ନୂତନ ଛାତ୍ରମାନଙ୍କର ଆଡ୍‌ମିଶନ ନିମନ୍ତେ ।
- ମଇ ୮ ⇨ ଆମ ସେବାକାର୍ଯ୍ୟର ସମସ୍ତ ଅର୍ଥ ଆବଶ୍ୟକତା ପୂରଣ ନିମନ୍ତେ ।
- ମଇ ୯ ⇨ ଆମର ସୁସମାଚାର ଛାପାକଳ ଓ ଏହାର ଦୈନନ୍ଦିନ ପରିଚାଳନା ଉପରେ ଈଶ୍ୱରଙ୍କ ଆଶୀର୍ବାଦ ନିମନ୍ତେ ।
- ମଇ ୧୦ ⇨ ସମସ୍ତ ମଣ୍ଡଳୀ ଯେପରି ଆତ୍ମା ଲାଭ କରିବେ ଓ ବାସ୍ତବ ଉପାସନାର ଅନୁଭୂତି ପାଇବେ ।
- ମଇ ୧୧ ⇨ ୨୦୨୬ ଜୁଲାଇ ୪ରେ ଅନୁଷ୍ଠିତ ହେବାକୁ ଯାଉଥିବା ନିହିମିୟା ବାଇବଲ କଲେଜର ଉପାଧି ପ୍ରଦାନ ଉତ୍ସବ ନିମନ୍ତେ ।
- ମଇ ୧୨ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲଭାରାଜ୍ ଓ ତାଙ୍କ ପରିବାରକୁ ମନ୍ଦ ଶକ୍ତିରୁ ସୁରକ୍ଷା ନିମନ୍ତେ ।
- ମଇ ୧୩ ⇨ ସେବାକାର୍ଯ୍ୟ ଓ ମିଶନେରୀମାନଙ୍କ ପ୍ରତି ଚାଲିଥିବା ଅତ୍ୟାଚାରର ବନ୍ଦ ନିମନ୍ତେ ।
- ମଇ ୧୪ ⇨ ସମଗ୍ର ବିଶ୍ୱରେ ବଢ଼ିଥିବା ଚରମ ପାଣିପାଗ ମଧ୍ୟରେ ପୃଥିବୀର ସୁରକ୍ଷା ନିମନ୍ତେ ।
- ମଇ ୧୫ ⇨ ଏହି ନୂତନ ଆର୍ଥିକ ବର୍ଷରେ ଈଶ୍ୱରଙ୍କର ସ୍ୱର୍ଗୀୟ ଡାକରା ନିମନ୍ତେ ।
- ମଇ ୧୬ ⇨ ଈଶ୍ୱର ଯେପରି ଦେଶଗୁଡ଼ିକୁ ଈଶ୍ୱର-ଭୟକାରୀ ନେତାମାନଙ୍କୁ ଯୋଗାଇବେ ।
- ମଇ ୧୭ ⇨ (ଉତ୍ତର ଭାରତର) ଆମର ମିଶନେରୀ, ଈଶ୍ୱରଙ୍କ ଦାସ ଓ ସେମାନଙ୍କ ପରିବାରଗୁଡ଼ିକର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ।
- ମଇ ୧୮ ⇨ ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲର ନୂତନ ସଭ୍ୟମାନଙ୍କ ନିମନ୍ତେ ।

....Contd. from page 4

ଶିଷ୍ୟମାନେ ନୀରବ ଶନିବାରରେ ଶୋକ କରୁଥିବା ସମୟରେ, ଯୀଶୁ ନିଷ୍କ୍ରିୟ ନ ଥିଲେ । ଧର୍ମଶାସ୍ତ୍ର ଏହା ପ୍ରକାଶ କରିଛି ଯେ ସେ :

"... ସେ ମଧ୍ୟ ନୀଚସ୍ଥ ପୃଥିବୀକୁ ଅବତରଣ କରିଥିଲେ" (ଏଫିସୀୟ ୪:୯) ।

"ସମସ୍ତ ଆଧିପତ୍ୟ ସ କର୍ତ୍ତାପଣର ଅସ୍ତ୍ରଶସ୍ତ୍ର ଛଡ଼ାଇ (ନେଇଥିଲେ)..." (କଲସୀୟ ୨:୧୫) ।

"ମୃତ୍ୟୁ ଓ ପାତାଳର ଚାବି" ନେଇ ଯାଇଥିଲେ (ପ୍ରକାଶିତ ବାକ୍ୟ ୧:୧୮) ।

ଜଗତ ନୀରବତା ଦେଖିଥିଲା !

ସ୍ୱର୍ଗ ବିଜୟ ଦେଖିଥିଲା !

ଈଶ୍ୱର ନୀରବ ଅଛନ୍ତି ବୋଲି ଆପଣ ହୁଏତ ଅନୁଭବ କରୁଥିବେ, ମାତ୍ର ଭରସା ରଖନ୍ତୁ । ସେ ଆପଣଙ୍କର ବିଜୟୀ ରବିବାରକୁ ପ୍ରସ୍ତୁତ କରିବା ପାଇଁ ଆପଣଙ୍କ ଅନ୍ଧକାରମୟ ଶନିବାରରେ କାର୍ଯ୍ୟ କରୁଅଛନ୍ତି । ମୋର ପ୍ରିୟ ଭାଇ ଓ ଭଉଣୀମାନେ ନିରୁତ୍ସାହିତ ହୁଅନ୍ତୁ ନାହିଁ । ନୀରବତା ଓ ଅନ୍ଧକାରର ଅର୍ଥ ଏହା ନୁହେଁ ଯେ ଈଶ୍ୱର କିଛି କରୁ ନାହାନ୍ତି ।

ଯୂନସ ମାଛର ଉଦରରେ ତିନିଟି ଅନ୍ଧାର ରାତି କାଟିଥିଲେ । ତାହା ବନ୍ଦ ଭଳି ମନେ ହେଉଥିଲା, ମାତ୍ର ତାହା ପ୍ରସ୍ତୁତି ଥିଲା – ଈଶ୍ୱର ଏକ ଶ୍ରେଷ୍ଠତର କାର୍ଯ୍ୟ ପାଇଁ ତାଙ୍କ ହୃଦୟକୁ ପ୍ରସ୍ତୁତ କରୁଥିଲେ ।

ଦାନିୟେଲ ସିଂହ ଗର୍ତ୍ତରେ ଏକ ନୀରବ ରାତ୍ରି କ୍ଷେପଣ କରିଥିଲେ । ମାତ୍ର ଈଶ୍ୱର ସିଂହମାନଙ୍କର ମୁଖଗୁଡ଼ିକୁ ବନ୍ଦ କରିବାରେ ବ୍ୟସ୍ତ ଥିଲେ (ଦାନିୟେଲ ୬:୨୨) । ଈଶ୍ୱର ଆପଣଙ୍କ ବିରୁଦ୍ଧରେ ଉଠୁଥିବା ପ୍ରତ୍ୟେକ ଜିହ୍ୱା, ପ୍ରତ୍ୟେକ ଯୋଜନା, ପ୍ରତ୍ୟେକ ତୀରକୁ ବନ୍ଦ କରୁଅଛନ୍ତି । ସେ ଅନ୍ଧକାର ଭିତରେ କାର୍ଯ୍ୟ କରୁଛନ୍ତି ।



ଦାନିୟେଲ ସିଂହ ଗର୍ତ୍ତରେ ଏକ ନୀରବ ରାତ୍ରି କ୍ଷେପଣ କରିଥିଲେ ।

## ୩. ଶନିବାର ପ୍ରମାଣ ବିନା ବିଶ୍ୱାସ କରିବା ପାଇଁ ଆମକୁ ଶିକ୍ଷା ଦିଏ ।

ରବିବାରରେ ବିଶ୍ୱାସ ଆନନ୍ଦ କରିବା ଅଟେ ।

ଶନିବାରରେ ବିଶ୍ୱାସ ସମର୍ପଣ ଅଟେ ।

ଶନିବାର ବିଶ୍ୱାସ କହେ :

"ମୁଁ ଏପର୍ଯ୍ୟନ୍ତ ଏହା ଦେଖି ନାହିଁ, ମାତ୍ର ଈଶ୍ୱର ବିଶ୍ୱସ୍ତ ଅଟନ୍ତି ।"

"ମୁଁ ଏପର୍ଯ୍ୟନ୍ତ ଏହାକୁ ଅନୁଭବ କରି ନାହିଁ, ମାତ୍ର ତାଙ୍କର ପ୍ରତିଜ୍ଞା ସ୍ଥିର ଅଟେ ।"

"ମୁଁ ଏପର୍ଯ୍ୟନ୍ତ ଏହାକୁ ବୁଝି ନାହିଁ, ମାତ୍ର ସେ, ତଥାପି ଉତ୍ତମ ଅଟନ୍ତି ।"

ଅବ୍ରହାମ ଇସ୍ହାକଙ୍କ ପାଇଁ ଅପେକ୍ଷା କରୁଥିଲେ କାରଣ ଈଶ୍ୱର ଗୋଟିଏ ପୁତ୍ର ସନ୍ତାନ ଦେବେ ବୋଲି ତାଙ୍କ ନିକଟରେ ପ୍ରତିଜ୍ଞା କରିଥିଲେ । କିନ୍ତୁ, ବର୍ଷ ପରେ ବର୍ଷ ନୀରବତାରେ କଟିଯାଇଥିଲା । ରୋମୀୟ ୪:୨୦ରେ ଲେଖାଅଛି, "... ସେ ଅବିଶ୍ୱାସ ହେତୁ ସନ୍ଦେହ କଲେ ନାହିଁ ।" ଶନିବାର ଗୁଡ଼ିକୁ ଅବିଶ୍ୱାସ ବିଶ୍ୱାସ ନିର୍ମାଣ କରନ୍ତି । ଆପଣ କ'ଣ ଭାବୁଛନ୍ତି ଯେ ଏହିପରି ଅଟଳ ବିଶ୍ୱାସ ରଖିବା ଅବ୍ରହାମଙ୍କ ପାଇଁ ସହଜ ଥିଲା ? ଶାରୀରିକଭାବେ ଏହା ଅସମ୍ଭବ ଥିଲା । ଲୋକମାନେ ହୁଏତ ପଚାରିଥିବେ, "ଏହା ଈଶ୍ୱରଙ୍କର ପ୍ରତିଜ୍ଞା ବୋଲି ତୁମେ କ'ଣ ପ୍ରକୃତରେ ଜାଣିଥିଲ କିମ୍ବା ଏହା ତୁମ ହୃଦୟର ଇଚ୍ଛା ଥିଲା ?" ସେ ପ୍ରତ୍ୟେକ ଦିନ ସାରାଙ୍କୁ ଦେଖିବା ମାତ୍ରେ ତାଙ୍କ ହୃଦୟ ଦୁଃଖରେ ବୁଡ଼ି ଯାଉଥିଲା, ମାତ୍ର ସେ, ତଥାପି ସେହି ପ୍ରତିଜ୍ଞାକୁ ଧରି ରଖିଥିଲେ ।

ଆପଣ ଯାହା ଦେଖନ୍ତି, ତଦ୍ଦ୍ୱାରା ଆପଣଙ୍କ ବିଶ୍ୱାସକୁ ବିଚଳିତ ହେବାକୁ ଦିଅନ୍ତୁ ନାହିଁ । ଆପଣ ଶାରୀରିକ ଭାବେ କ୍ଷୟ ପାଉଥିବା ସାରାଙ୍କୁ ଦେଖିବେ, ମାତ୍ର ଏହାକୁ ଆତ୍ମିକ ଚକ୍ଷୁ ସହିତ ଦେଖନ୍ତୁ । ଯିଏ ପ୍ରତିଜ୍ଞା କରିଛନ୍ତି, ସେ ଜଣେ ପ୍ରତିଜ୍ଞା ରକ୍ଷାକାରୀ ଅଟନ୍ତି । କେବଳ ସେଥିଯୋଗୁ ଅବ୍ରହାମଙ୍କର ଶନିବାର ଏପରି ଗୋଟିଏ ଆଶ୍ଚର୍ଯ୍ୟ କର୍ମରେ ଶେଷ ହୋଇଥିଲା ଯାହା ପୃଥିବୀର ଇତିହାସକୁ ଗଠନ କରିଥିଲା ।

ପ୍ରିୟ ବନ୍ଧୁଗଣ, ଆପଣମାନେ ପ୍ରମାଣ ଆବଶ୍ୟକ କରନ୍ତୁ ନାହିଁ, ତାଙ୍କଠାରେ ବିଶ୍ୱାସ କରନ୍ତୁ । ତାଙ୍କୁ ଧରି ରଖନ୍ତୁ – ସେ ଆପଣମାନଙ୍କର ଶନିବାରକୁ ଏକ ଆଶ୍ଚର୍ଯ୍ୟକର୍ମରେ ଶେଷ କରିବେ । ଆପଣମାନଙ୍କର ଶନିବାରଗୁଡ଼ିକ ବିଶ୍ୱାସର ମୂଳକୁ ବୃଦ୍ଧି କରିବା ପାଇଁ ସାମର୍ଥ୍ୟ ଦେବ ।

## ୪. ଶନିବାର ଆମକୁ ପୁନରୁତ୍ଥାନ ପାଇଁ ପ୍ରସ୍ତୁତ କରେ ।

ଆମ ମଧ୍ୟରୁ ଅନେକେ ପ୍ରାୟ ଭୁଲିଯାଆନ୍ତି ଯେ ଶନିବାର ଏପରି ଏକ ଶ୍ରେଷ୍ଠ ଆଶ୍ଚର୍ଯ୍ୟକର୍ମ ପାଇଁ ପ୍ରସ୍ତୁତିର ଏକ ଦିନ ଅଟେ ଯାହା ରବିବାର ଦିନ ଉନ୍ମୋଚିତ ହେବ । ଯଦି ରବିବାର ଅତିଶୀଘ୍ର ଆସିଥାନ୍ତା, ତେବେ ଆମେ ଉପୁଜ ହେବାକୁ ଯାଉଥିବା ପରିବର୍ତ୍ତନକୁ ଦେଖିପାରି ନ ଥା'ନ୍ତୁ । ଶନିବାର ସେ ଆମକୁ କେବଳ ଗଠନ କରେ, ତା' ନୁହେଁ, ଏହା ଆମକୁ ଗଭୀର କରେ, ଶକ୍ତିଯୁକ୍ତ କରେ ଓ ଆମର ମନୋଭାବକୁ ପବିତ୍ର କରେ ।

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)

ନିହିମିଆ ବାଇବଲ ଆବାସିକ ମହାବିଦ୍ୟାଳୟ
ଥିଓଲୋଜିରେ ଡିପ୍ଲୋମା & Bachelor of Theology
Chepauk & Santhoshapuram, Velachery Chennai.
ଆଡ଼ମିଶନ ପାଇଁ ଶୀଘ୍ର ଆସନ୍ତୁ !
ମାଧ୍ୟମ - ହିନ୍ଦୀ (Residential)
ମାଧ୍ୟମ - ତାମିଲ (Part Time)
Sponsorship Available
ଯୋଗାଯୋଗ
ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
* ONLINE CLASSES ARE AVAILABLE *
ବିଗତ ୫୬ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିୟାନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ଆହ୍ୱାନର ପ୍ରତିଧ୍ୱନି ମାସିକ ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠି, ଗୁଜୁରାଟୀ, ବଙ୍ଗଳା, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୩. ବାଇବଲ କୋର – ମୌଳିକ ବାଇବଲ ପାଠ୍ୟକ୍ରମ (ଇଂରାଜୀ, ତାମିଲ, ହିନ୍ଦୀ ) ।
୪. ଥିଓଲୋଜିକାଲ କରେସପଣ୍ଡେନ୍ସ ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୫. ନିହିମିୟା ବାଇବଲ ମହାବିଦ୍ୟାଳୟ (ଚେପକ୍, ସନ୍ତୋଷପୁରମ ଓ ଭେଲାଚେରୀ) ।
୬. ଶାଖା ମଣ୍ଡଳୀ ସମୂହ : ସନ୍ତୋଷପୁରମ, ବାଲାଜୀନଗର ଓ ଭେଲାଚେରୀ ।
୭. ମହାଆବେଶ ସାଥୀଗଣ (ପାଳକମାନେ) ।
୮. ତାଳିମ କାର୍ଯ୍ୟକ୍ରମ, ଅଧିବେଶନ ଓ ସଭା ।
୯. ସୁସମାଚାର ଅଭିଯାନ ।
୧୦. ସାହିତ୍ୟ ସେବା ଓ ବଣ୍ଟନ ।
୧୧. ସୁସମାଚାର ଛାପା କଳ – ପ୍ରକାଶନ ।
୧୨. ହେଣ୍ଡଫଲସ୍ ମାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୩. ରବିସ୍କୁଲ (ଚେପକ) – ରବିବାର ସକାଳ ଘ. ୧୦.୩୦ ଓ (ଭେଲାଚେରୀ, ବାଲାଜୀନଗର ଓ ସନ୍ତୋଷପୁରମ) ରବିବାର ଅପରାହ୍ନ ୩.୦୦ ଘଟିକା ।
୧୪. ପ୍ରାତଃ ଉପାସନା – ରବିବାର ସକାଳ ୫.୩୦ ।
୧୫. ପ୍ରାଥମିକ ସଭା – ରବିବାର ସକାଳ ଘ. ୮.୦୦ ।
୧୬. ତାମିଲ ଉପାସନା – ରବିବାର ସକାଳ ଘ. ୮.୩୦ ।
୧୭. ଯୁବ ସଭା – ରବିବାର ପୂର୍ବାହ୍ଣ ଘ. ୧୧.୦୦ ।
୧୮. ସହଭାଗିତା ମଧ୍ୟାହ୍ନ ଭୋଜନ – ରବିବାର ଅପରାହ୍ନ ଘ. ୧.୦୦ ।
୧୯. ତେଲୁଗୁ ଉପାସନା – ରବିବାର ଅପରାହ୍ନ ଘ. ୪.୦୦ ।
୨୦. ହିନ୍ଦୀ ଉପାସନା – ରବିବାର ସନ୍ଧ୍ୟା ଘ. ୫.୦୦ ।
୨୧. ତାମିଲ ଓ ଇଂରାଜୀ ଉପାସନା – ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୨୨. ଉପାସ୍ଥ ପ୍ରଦାନର ସମୟ – ରବିବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୩. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୪. ହିନ୍ଦୀ ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ. ୬.୦୦ ଘଟିକା ।
୨୫. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୬.୦୦ ।
୨୬. ଶିଶୁଙ୍କ ସଭା – ରବିବାର ସନ୍ଧ୍ୟା ଘ. ୬.୦୦ ଘଟିକା ।
୨୭. ଗୃହ ସଭା – ମଙ୍ଗଳବାର ଓ ଗୁରୁବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୮. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ୬.୦୦ ଘଟିକା ।
୨୯. ସେବକମାନଙ୍କର ସଭା – ପ୍ରଥମ ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୩୦. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୩୧. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୩୨. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୩୩. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୩୪. ଯୁବା / ପିଲାମାନଙ୍କ ପାଇଁ ପ୍ରାର୍ଥନା – ପ୍ରତିଦିନ ରାତ୍ର ୧୦ ଘଟିକା (ଫୋନ ମାଧ୍ୟମରେ) ।
୩୫. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୩୬. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଘ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ) ।

## ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ ପାଠ୍ୟକ୍ରମ କେବଳ ଭାରତର ଛାତ୍ରମାନଙ୍କ ନିମନ୍ତେ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନ ମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – ''ଆପଣଙ୍କ ନିମନ୍ତେ ନୂତନ ଜୀବନ'' ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ କରେସ ପଣ୍ଡେନ୍ସ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ସ୍ନାତକୋତ୍ତରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉଚ୍ଚତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା । ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟିଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ

*For more details, write to us.*

**The Chairman, Nehemiah Bible College,**
Echo of His Call, **Post Box 2957**
CHEPAUK, CHENNAI - 600 005.

**Ph.: (044) 2852 8282, 2852 9293, 2854 7766,**
**Cell : 98410 71852, 95661 31858**
**E.mail : biblecor@yahoo.co.in**

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମୀୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ ''ଆହ୍ୱାନର ପ୍ରତିଧ୍ୱନି'' ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

"Echo of His Call Educational Trust" କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – 80 - G ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । Echo of His Call Educational Trust କୁ ଦେଉଥିବା ଦାନ ପାଇଁ Demand Draft, Cheque କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | |
|---|---|
| **Account Name** | **: ECHO OF HIS CALL EDUCATIONAL TRUST** |
| **Account Number** | **: 1023 2923 805** |
| **Bank Name** | **: STATE BANK OF INDIA** |
| **Branch** | **: TRIPLICANE, CHENNAI - 600 005** |
| **IFSC Code** | **: SBIN 0000249** |
| **SWIFT Code** | **: SBI NIN BB 455** |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

## ଆପଣ ଈଶ୍ୱରଙ୍କ ଆହ୍ୱାନ ପ୍ରତି ବିଶ୍ୱସ୍ତ ହୁଅନ୍ତୁ ବୋଲି ସେ ଚାହାଁନ୍ତି

"ଈଶ୍ୱର ବିଶ୍ୱାସ୍ୟ, ଯାହାଙ୍କ ଦ୍ୱାରା ତୁମ୍ଭେମାନେ ତାହାଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟ, ଆମ୍ଭମାନଙ୍କର ପ୍ରଭୁଙ୍କର ସହଭାଗିତା ନିମନ୍ତେ ଆହୂତ ହୋଇଅଛ" (୧ କରିନ୍ଥୀୟ ୧:୯) ।



୧୯୯୬ରେ, ଯେଉଁବେଳେ ମୁଁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ମୋର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କଲି, ସେତେବେଳେ ମୁଁ "ଦି ହେରାଲ୍ଡ ଅଫ୍ ହିଜ୍ କମିଙ୍ଗ" ନାମକ ପତ୍ରିକାର ସଂପାଦକ, ପାଷ୍ଟର ଏସ୍. ଦେବଦାସନ୍‌ଙ୍କର ସେବାକାର୍ଯ୍ୟରେ ଯୋଗ ଦେଇଥିଲି । ସେ ସଦାପ୍ରଭୁଙ୍କର ସେବା କରିବା ପାଇଁ ମୋତେ ଆଧ୍ୟାତ୍ମିକ ତାଲିମ ଦେଇଥିଲେ ଓ ମୁଁ ତିନି ବର୍ଷ ଧରି ତାଙ୍କ ଅଧୀନରେ ସେବା କରିଥିଲି ।

ଦିନେ ରାତିରେ, ଆମେ ଏକତ୍ର ବହୁ ସମୟ ପର୍ଯ୍ୟନ୍ତ ପ୍ରାର୍ଥନା କରୁଥିବା ସମୟରେ, ଭବିଷ୍ୟତ୍‌ରେ ଜଗତ କିପରି ହେବ ଓ ପ୍ରଭୁ ମୋ' ମାଧ୍ୟମରେ କ'ଣ କରିବାକୁ ଇଚ୍ଛା କରିଛନ୍ତି – ଏହି ବିଷୟରେ ହଠାତ୍ କହିବା ଆରମ୍ଭ କରିଥିଲେ । ସେ ଏପରି ମହତ୍ ଓ ଆଶ୍ଚର୍ଯ୍ୟଜନକ ବିଷୟ ସମ୍ବନ୍ଧରେ କହିଥିଲେ ଯେଉଁଗୁଡ଼ିକୁ ସେହି ସମୟରେ, ମୁଁ କଳ୍ପନା ସୁଦ୍ଧା କରି ପାରି ନ ଥିଲି । ମୁଁ ଦିନେ ଯେଉଁ ମହାନ୍ ସେବାକାର୍ଯ୍ୟ କରିବି ବୋଲି ସେ ଭବିଷ୍ୟତ୍‌ବାଣୀ କହିଥିଲେ, ତାହାକୁ ସଂପାଦନ କରିବା ପାଇଁ ମୋ' ପାଖରେ ସେପରି କୌଣସି ଶିକ୍ଷାଗତ ଯୋଗ୍ୟତା, କିମ୍ବା ଅର୍ଥ, କିମ୍ବା ମାନବ ସମ୍ବଳ ନ ଥିଲା ।

ମୁଁ ତାଙ୍କୁ ମୋର ଅଯୋଗ୍ୟତା ବିଷୟରେ ଜଣାଇ କହିଲି, "ଯଦି ମୁଁ ପ୍ରଭୁଙ୍କର ଦାସମାନଙ୍କ ମଧ୍ୟରୁ ଅତି କ୍ଷୁଦ୍ରତମ ଦାସ ହୋଇ ରହିବି, ତେବେ ତାହା ମୋ' ନିମନ୍ତେ ଯଥେଷ୍ଟ ହେବ ।"

ସେ ଉତ୍ତର ଦେଇଥିଲେ, "ଜଣେ ସାଧାରଣ ଲୋକ ଅତି ଉଚ୍ଚୀକୃତ କରିବା ପାଇଁ କେବଳ ଦୁଇଟି ବିଷୟ ଆବଶ୍ୟକ ହୁଏ :

କ) ବିଶ୍ୱାସ ଓ

ଖ) ଗୋଟିଏ ଉତ୍ତମ ବିବେକ ।



ଏହା ୧ ତୀମଥି ୧:୧୯ରେ ଲିଖିତ ଅଛି । ଯଦି ତୁମେ ତୁମର ଚକ୍ଷୁ ଭଳି ଏହି ଦୁଇଟି ପ୍ରତି ଜାଗ୍ରତ ରହିବ, ତେବେ ମୁଁ ଏବେ ଏବେ ଯାହା ଉଲ୍ଲେଖ କରିଥିଲି, ସେହି ପ୍ରତ୍ୟେକଟି ଆତ୍ମିକ ଉନ୍ନତିପ୍ରାପ୍ତ ହେବ ।"

ପ୍ରଭୁଙ୍କର ସହାୟତାରେ, ଏହି ସମସ୍ତ ବର୍ଷ ଗୁଡ଼ିକରେ, ମୁଁ ଏହି ଦୁଇଟି ଗୁଣକୁ ଧରି ରଖିବା ପାଇଁ ଯଥାସାଧ୍ୟ ଚେଷ୍ଟା କରିଅଛି ।

ମୁଁ ଏହି ପ୍ରବନ୍ଧଟିକୁ ଲେଖିବା ଆରମ୍ଭ କରିବା ପୂର୍ବରୁ, ପ୍ରଭୁ ମୋ' ସହିତ କଥା କହିଥିଲେ । ମୁଁ ତାଙ୍କର ଧୀର ସ୍ୱର ଶୁଣି ନିର୍ବାକ୍ ଓ ମନୋଯୋଗୀ ହୋଇ ଯାଇଥିଲି । ସେ କହିଥିଲେ :

"ମୋର ପ୍ରିୟ ପୁତ୍ର, ଟିକିଏ ଅଟକି ଯାଅ ଓ ତୁମେ ଯେଉଁ ଗୃହରେ ଠିଆ ହୋଇଛ, ତା' ଉପରେ ଚିନ୍ତା କର । ତୁମେ ଏହାକୁ କିପରି ପାଇଥିଲ ? ଏଠାରେ ଚାଲିଥିବା ସେବାକାର୍ଯ୍ୟଗୁଡ଼ିକୁ ବିଚାର କର । ତଳ ମହଲାରେ ଥିବା ଅତ୍ୟାଧୁନିକ ସୁସମାଚାର ଛାପାକଳ ପ୍ରତି ଦୃଷ୍ଟିପାତ କର । ପ୍ରଥମ ମହଲାରେ ଥିବା ମଣ୍ଡଳୀ ବିଷୟରେ କେବେ ଚିନ୍ତା କରିଛ କି, ଯେଉଁ ୨୪ ଘଣ୍ଟା ଧରି ପ୍ରାର୍ଥନା ଉତ୍ସର୍ଗ କରାଯାଏ ? ତୁମେ ସେହି ନିହିମିୟା ବାଇବଲ କଲେଜ ଓ ସେଠାରେ ଅଧ୍ୟୟନ କରୁଥିବା ବାଳିକାମାନଙ୍କ ମଧ୍ୟରେ କରାଯାଉଥିବା କାର୍ଯ୍ୟ ବିଷୟରେ ଚିନ୍ତା କରିଅଛ କି ? ତୁମେ ଦ୍ୱିତୀୟ ମହଲାରେ ଥିବା "ଆହ୍ୱାନର ପ୍ରତିଧ୍ୱନି ପ୍ରଶାସନିକ କାର୍ଯ୍ୟାଳୟ ଉପରେ ଚିନ୍ତା କରିଛ କି ?"

"ତୁମର ସାମର୍ଥ୍ୟର ବାହାରେ ଥିବା ସେବାକାର୍ଯ୍ୟଗୁଡ଼ିକର ସଂପାଦନ କରିବାରେ ତୁମକୁ ସାହାଯ୍ୟ କରିବା ପାଇଁ, ମୁଁ ତୁମକୁ ଏପରି ଅନେକ ହାରୋଣ ଓ ଯିହୋଶୂୟମାନଙ୍କୁ ଦେଇଅଛି ଯେଉଁମାନେ ପ୍ରତ୍ୟେକ ସମୟରେ ତୁମର ସହାୟତା ନିମନ୍ତେ ତୁମ ଅପେକ୍ଷା ଅଧିକ ଦକ୍ଷ ଓ ଜ୍ଞାନୀ ଅଟନ୍ତି । ଏପରିକି ଯେତେବେଳେ ତୁମେ ଏହି ଆଶୀର୍ବାଦଗୁଡ଼ିକୁ ଭୁଲିଯାଅ, ସେତେବେଳେ ମୁଁ ତୁମକୁ ସ୍ମରଣ କରେ । ଯେତେବେଳେ ମୁଁ ତୁମକୁ ପ୍ରଥମେ ଆହ୍ୱାନ କରିଥିଲି, ସେତେବେଳେ ତୁମେ କ'ଣ ଥିଲ ? ବର୍ତ୍ତମାନ ତୁମେ କ'ଣ ଅଛ ? ମୁଁ ତୁମର ସେବାକାର୍ଯ୍ୟକୁ ଆହୁରି ଅଧିକ ବୃଦ୍ଧି କରିବି । ମୋର ସେବକ ପାଷ୍ଟର ଏସ୍. ଦେବଦାସନ୍ ତୁମକୁ ଯେପରି ଶିକ୍ଷା ଦେଇଥିଲେ, ସେହିପରି ବିଶ୍ୱାସରେ ଓ ଏକ ଉତ୍ତମ ବିବେକରେ ସ୍ଥିର ରୁହ । ତୁମେ କର୍କଶ ଓ କଣ୍ଟକର ପଥ ମଧ୍ୟରେ ଚାଲିବା ସମୟରେ ନିରୁତ୍ସାହିତ ହୁଅ ନାହିଁ । ମୁଁ କ'ଣ ତୁମକୁ ଆହ୍ୱାନ କରି ନ ଥିଲି ? ମୁଁ ମୋର ମୁଖ ଦ୍ୱାରା ଯାହା କିଛି କହିଛି, ତାହାକୁ ମୁଁ ମୋର ହସ୍ତ ଦ୍ୱାରା ସଫଳ କରିବି । ବଳବାନ୍ ହୁଅ ଓ କ୍ଳାନ୍ତ ହୁଅ ନାହିଁ ।"

ବେଳେବେଳେ ମୋ' ମାଧ୍ୟମରେ ପ୍ରଭୁ ଯେଉଁ ସବୁ ଆଶ୍ଚର୍ଯ୍ୟ ଓ ଶକ୍ତିପୂର୍ଣ୍ଣ ବିଷୟ ସାଧନ କରନ୍ତି, ସେଗୁଡ଼ିକୁ ମୁଁ ସଂପୂର୍ଣ୍ଣ ଭାବରେ ବୁଝିପାରେ ନାହିଁ ।



ପ୍ରିୟ ଭାଇ ଓ ଭଉଣୀମାନେ, ଈଶ୍ୱର ଆପଣମାନଙ୍କ ଉପରେ ରଖିଥିବା ଯୋଜନାମାନଙ୍କର ଆକାଂକ୍ଷୀ ହୁଅନ୍ତୁ । ଜଗତର ମାର୍ଗ ଅନୁସାରେ ଚାଲନ୍ତୁ ନାହିଁ । ଈଶ୍ୱରୀୟ ନେତୃତ୍ୱ ଅଧୀନରେ ନମ୍ର ରହନ୍ତୁ ଓ ଆପଣମାନଙ୍କର ବିଶ୍ୱାସ ଓ ଉତ୍ତମ ବିବେକକୁ ଧରି ରଖନ୍ତୁ । ଯଦି ଆପଣମାନେ ଈଶ୍ୱରଙ୍କ ସମ୍ମୁଖରେ ସଦାଚାର ସହିତ ଠିଆ ହେବେ, ତେବେ ସେ ଆପଣମାନଙ୍କ ମାଧ୍ୟମରେ ସେ ମହତ୍ କାର୍ଯ୍ୟ କରିବେ । କୌଣସି ବିଷୟ ସେହି କାର୍ଯ୍ୟକୁ ବାଧା ଦେଇପାରିବ ନାହିଁ ଯାହା କରିବା ପାଇଁ ଈଶ୍ୱର ଆପଣମାନଙ୍କୁ ବ୍ୟବହାର କରୁଥାଆନ୍ତି ।

କେବଳ ତାହାଙ୍କ ପ୍ରତି ସମସ୍ତ ଗୌରବ ଓ ସମ୍ଭ୍ରମ ହେଉ ।

*************

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

୧ ଶାମୁୟେଲ ୧:୬ ଅନୁଯାୟୀ ଦାଉଦଙ୍କୁ ୧୭ ବର୍ଷ ବୟସରେ ରାଜା ହେବା ପାଇଁ ଅଭିଷିକ୍ତ କରାଯାଇଥିଲା, ମାତ୍ର ସେ ୩୦ ବର୍ଷ ବୟସରେ ପ୍ରକୃତରେ ରାଜା ହୋଇଥିଲେ । ୨ ଶାମୁୟେଲ ୫:୪ ଅନୁସାରେ, ‘‘ଦାଉଦ ତିରିଶ ବର୍ଷ ବୟସରେ ରାଜତ୍ୱ କରିବାକୁ ଆରମ୍ଭ କଲେ ଓ ସେ ଚାଳିଶ ବର୍ଷ ରାଜତ୍ୱ କଲେ’’ ।

ସେଗୁଡ଼ିକ ଦୀର୍ଘ ଓ ଧୈର୍ଯ୍ୟ ଧରି ରହିବାର ବର୍ଷ ଥିଲା – ସେଗୁଡ଼ିକ ଏପରି ପ୍ରସ୍ତୁତିର ବର୍ଷ ସବୁ ଥିଲା ଯାହା ତାଙ୍କୁ ଇସ୍ରାଏଲର ସର୍ବଶ୍ରେଷ୍ଠ ରାଜା ଭାବରେ ସୁଗଠିତ କରିଥିଲା । ରାଜା ଦାଉଦଙ୍କର କୃତିତ୍ୱ ଅସାଧାରଣ ଥିଲା, ଯାହା ସେ କରିଥିଲେ, ତାହା ଅନ୍ୟ କୌଣସି ରାଜା ସାଧନ କରି ନ ଥିଲେ । ପ୍ରତୀକ୍ଷାର ସମୟ ତାଙ୍କୁ ନମ୍ର ହେବା ପାଇଁ ଓ ତାଙ୍କ ବିରୁଦ୍ଧରେ ମନ୍ତ୍ରଣା କରିଥିବା ଲୋକମାନଙ୍କୁ କ୍ଷମା ଦେବା ପାଇଁ ଶିକ୍ଷା ଦେଇଥିଲା । ଏହା ତାଙ୍କୁ ସାହସ, ଅର୍ଥାତ୍ ଅତକ ସାହସିକତାର ସହିତ ତାଙ୍କ ଜୀବନର ଦାନବଗୁଡ଼ିକର ସମ୍ମୁଖୀନ ହେବା ଶିକ୍ଷା ଦେଇଥିଲା । ଏହା ତାଙ୍କର ଚରିତ୍ର ଗଠନ କରିଥିଲା ଓ ସର୍ବୋପରି ତାଙ୍କୁ ଏହି ଶିକ୍ଷା ଦେଇଥିଲା ଯେ ପବିତ୍ର ଆତ୍ମାଙ୍କ ଉପସ୍ଥିତି ତାଙ୍କର ସର୍ବଶ୍ରେଷ୍ଠ ସମ୍ପଦ ଅଟେ ।

‘‘(ହେ ସଦାପ୍ରଭୁ), ତୁମ୍ଭ ଛାମୁରୁ ମୋତେ ଦୂର କର ନାହିଁ ...’’ (ଗୀତସଂହିତା ୫୧:୧୧) ।

‘‘କାରଣ ସହସ୍ର ଦିନ ଅପେକ୍ଷା ତୁମ୍ଭ ପ୍ରାଙ୍ଗଣରେ ଏକ ଦିନ ଭଲ, ଦୁଷ୍ଟତାର ତମ୍ବୁରେ ବାସ କରିବା ଅପେକ୍ଷା ଆମ୍ଭ ପରମେଶ୍ୱରଙ୍କ ଗୃହରେ ଦ୍ୱାରୀ ହେବାର ବରଞ୍ଚ ଆମ୍ଭେ ଭଲ ଜାଣୁ’’ (ଗୀତସଂହିତା ୮୪:୧୦) ।

ଆପଣ ଆଜି କୌଣସି ଗୋଟିଏ ବିଷୟ ପାଇଁ ଅପେକ୍ଷା କରୁଛନ୍ତି କି ? ତେବେ ଏହା ଜାଣନ୍ତୁ : ଈଶ୍ୱର ଆପଣଙ୍କୁ ମହତ୍ତର ବିଷୟ ପାଇଁ ପ୍ରସ୍ତୁତ କରୁଛନ୍ତି ।

ବଳବାନ୍ ହୁଅନ୍ତୁ । ସାହସ ଧରନ୍ତୁ । ଅପେକ୍ଷା କରନ୍ତୁ ।

## ୫. ଆପଣଙ୍କର ଶନିବାର ଚିରସ୍ଥାୟୀ ହେବ ନାହିଁ

ଈଶ୍ୱର ଗୋଟିଏ ପୁନରୁତ୍ଥାନ, ତାଙ୍କର ଶକ୍ତିପୂର୍ଣ୍ଣ ରବିବାରର ନିଶ୍ଚୟତା ଦେଇଥିବାରୁ, ଆପଣଙ୍କର ଅନ୍ଧକାର ରବିବାରଗୁଡ଼ିକ ଚିରସ୍ଥାୟୀ ହେବ ନାହିଁ ।

ଶନିବାରର ନୀରବତା କ୍ଷଣସ୍ଥାୟୀ ଅଟେ ।

ଶନିବାରର ଦୁଃଖ କ୍ଷଣସ୍ଥାୟୀ ଅଟେ । ଶନିବାରର ଦ୍ୱନ୍ଦ କ୍ଷଣସ୍ଥାୟୀ ଅଟେ ।



*‘‘ତୁମ୍ଭେମାନେ ଏହି ମନ୍ଦିରକୁ ବିନାଶ କର, ଆଉ ତିନିଦିନ ମଧ୍ୟରେ ମୁଁ ତାହା ତୋଳିଦେବି ।’’*

ଯୀଶୁ ଖ୍ରୀଷ୍ଟ ଘୋଷଣା କରି ସାରିଥିଲେ, ‘‘...ତୁମ୍ଭେମାନେ ଏହି ମନ୍ଦିରକୁ ବିନାଶ କର, ଆଉ ତିନିଦିନ ମଧ୍ୟରେ ମୁଁ ତାହା ତୋଳିଦେବି’’ (ଯୋହନ ୨:୧୯) ।

ଆପଣଙ୍କ ପଥକୁ ରୁଦ୍ଧ କରିଥିବା ଓଜନିଆ ପଥରକୁ ଗଡ଼ାଇ ଦିଆଯିବ । ଆପଣଙ୍କର ଶନିବାରଗୁଡ଼ିକ ମଧ୍ୟରେ ଆଲୋକ ଉଦ୍ଭାସିତ ହେବ । ପ୍ରତିଜ୍ଞା ଆସିବ, ଆପଣ ସମାଧି ଭିତରୁ ବାହାରି ଆସିବେ । ଯଦି ଗୋଟିଏ ଶନିବାର ଅଛି, ତେବେ ନିଶ୍ଚୟ ଗୋଟିଏ ରବିବାର ଆସିବ ।

ମୁଁ ଲାଜାରଙ୍କ ବିଷୟ ସ୍ମରଣ କରେ । ସେ ଚାରିଦିନ ଧରି ସମାଧିରେ ରହିଥିଲେ । ସେହି ଚାରି ଦିନ ଦୀର୍ଘ ନୀରବତା, ପ୍ରତୀକ୍ଷା ଓ ସଂପୂର୍ଣ୍ଣଭାବେ ନୈରାଶ୍ୟର ଦିନ ଥିଲା । ସବୁକିଛି ଶେଷ ହୋଇଗଲା ବୋଲି ଲାଗୁଥିଲା । ମାତ୍ର ଯେତେବେଳେ ଯୀଶୁ ଖ୍ରୀଷ୍ଟ ଆସିଥିଲେ ଓ ସବୁକିଛି ପରିବର୍ତ୍ତିତ ହୋଇଥିଲା ।

ଯୀଶୁ କହିଥିଲେ, ‘‘ଯଦି ତୁମ୍ଭେ ବିଶ୍ୱାସ କର, ତାହାହେଲେ ଈଶ୍ୱରଙ୍କ ମହିମା ଦେଖିବ, ଏହା କଥଣ ମୁଁ ତୁମ୍ଭକୁ କହିଲି ନାହିଁ ?’’ (ଯୋହନ ୧୧:୪୦) ।

ପ୍ରିୟ ବନ୍ଧୁମାନେ, ମୁଁ ଅନେକ ଅନ୍ଧକାର ଶନିବାର ମଧ୍ୟ ଦେଇ ଚାଲିଅଛି । ମୁଁ କେଉଁ ବିଷୟରେ କହୁଅଛି, ତାହା ମୁଁ ଜାଣେ । ସେଗୁଡ଼ିକ କେତେ ଭୀତିପ୍ରଦ ଓ ହୃଦୟ ବିଦାରକ ହୋଇପାରେ, ତାହା ମୁଁ ଜାଣେ । ମୁଁ ସେହି ସମୟ ଗୁଡ଼ିକରେ ପ୍ରାୟତଃ ଆଶା ପରିତ୍ୟାଗ କରି ଦେଇଥିଲି, ମାତ୍ର ଯୀଶୁ ପ୍ରବେଶ କରିଥିଲେ ଓ ମୋର ‘‘ପୂର୍ଣ୍ଣଚ୍ଛେଦ’’କୁ ‘‘କମା’’ରେ ପରିଣତ କରିଥିଲେ । ଯଦି ସେ ମୋ’ ନିମନ୍ତେ ଏହା କରି ପାରିଥିଲେ, ତେବେ ସେ ଆପଣଙ୍କ ନିମନ୍ତେ ମଧ୍ୟ ଏହା କରିବେ । ଆପଣଙ୍କର ଲଜ୍ଜା, ପରାଜୟ ଓ ଦୁଃଖର ଜୀବନ ଅତିଶୀଘ୍ର ଶେଷ ହୋଇଯିବ । ଆପଣଙ୍କର ଶନିବାର ଆପଣଙ୍କ କାହାଣୀର ଶେଷ ନୁହେଁ ।

ଯୀଶୁ ଖ୍ରୀଷ୍ଟ ଆମ ଜୀବନକୁ ଉଦ୍ଦେଶ୍ୟ ଓ ଅର୍ଥ ଦେବା ପାଇଁ ଏହି ଜଗତକୁ ଆସିଥିଲେ । ଆମେ ପାପ କିମ୍ବା ପରାଜୟରେ ଜୀବନ କାଟୁ ବୋଲି ସେ ଇଚ୍ଛା କରି ନ ଥିଲେ । ଆମେ ଯେପରି ଏକ ବିଜୟୀ ଜୀବନ କାଟିବୁ, ଏଥିପାଇଁ ସେ ଆମ ବଦଳରେ କ୍ରୁଶ ଉପରେ ମୃତ୍ୟୁବରଣ କରିଥିଲେ । ଆମେ ଆଉ କୌଣସି ବିଷୟର ଦାସ ନୋହୁଁ – ଆମେ ବିଜୟୀ ଅଟୁ ।

ଯଦି ଆପଣ ନିଜକୁ ଏକ ଶନିବାରରେ ଆବିଷ୍କାର କରୁଛନ୍ତି – ଆପଣ ଅପେକ୍ଷା କରୁଛନ୍ତି, ଚିନ୍ତା କରୁଛନ୍ତି, ଆଘାତ ପାଉଛନ୍ତି, ତେବେ ସାହସ ଧରନ୍ତୁ । ଯେଉଁ ଈଶ୍ୱର ଶନିବାରର ନୀରବତାକୁ ରବିବାରର ବିଜୟରେ ପରିଣତ କରିଥିଲେ, ସେ ବର୍ତ୍ତମାନ ଆପଣଙ୍କ ଜୀବନରେ ମଧ୍ୟ କାର୍ଯ୍ୟ କରୁଛନ୍ତି ।

ଶନିବାରର ନୀରବତା ପୁନରୁତ୍ଥାନ ରବିବାରର ବିଜୟ ଭଳି ଶକ୍ତିପୂର୍ଣ୍ଣ ଅଟେ । ଈଶ୍ୱରଙ୍କୁ ଧରି ରଖନ୍ତୁ ଓ ତାଙ୍କ ପ୍ରତିଜ୍ଞାକୁ ଜାବୁଡ଼ି ଧରନ୍ତୁ । ଆପଣଙ୍କର ରବିବାର ପଥ ମଧ୍ୟରେ ଅଛି – ମାତ୍ର ଆପଣଙ୍କର ଶନିବାରକୁ ଗୁରୁତ୍ୱହୀନ ମନେ କରନ୍ତୁ ନାହିଁ । ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରନ୍ତୁ । କେବଳ ସେ ଆପଣଙ୍କର ନୀରବ ଶନିବାରଗୁଡ଼ିକୁ ବିଜୟୀ ରବିବାର ଗୁଡ଼ିକରେ ପରିଣତ କରିପାରିବେ । ସେ ଆଗମନ କରୁଥିବା ରାଜା ଅଟନ୍ତି ।

- *ଈଶ୍ୱର ନୀରବ ରହିପାରନ୍ତି, ମାତ୍ର ସେ ଆଦୌ ନିଷ୍କ୍ରିୟ ନୁହଁନ୍ତି ।*
- *ସେ ଲୁକ୍କାୟିତ ରହିପାରନ୍ତି, ମାତ୍ର ଆଦୌ ଅନୁପସ୍ଥିତ ନ ଥା'ନ୍ତି ।*
- *ସେ ଶାନ୍ତ ରହିପାରନ୍ତି, ମାତ୍ର ସର୍ବଦା ବିଶ୍ୱସ୍ତ ଅଟନ୍ତି ।*

### ଦୟାକରି ଦୃଷ୍ଟି ଦିଅନ୍ତୁ

୨୦୨୬ ଜୁଲାଇ ୪ରେ (ଶନିବାର) ଚେନ୍ନାଇର ବାଲାର୍ ବାଲ୍‌ଭି ନିଲୟମଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଆମ ନିହିମିୟା ବାଇବଲ କଲେଜର ସ୍ନାତକ ଉପାଧି ପ୍ରଦାନ ଉତ୍ସବରେ ଆମ ସହିତ ଯୋଗ ଦିଅନ୍ତୁ ।

**Special Guest :**
**REV. DR. S.J. KINGSLEY,**
**(COO, JESUS CALLS)**

ପରବର୍ତ୍ତୀ ଶିକ୍ଷାବର୍ଷ ୨୦୨୬ ଜୁନ୍ ୧ରୁ ଆରମ୍ଭ ହେବ । ସେଥିପାଇଁ ୨୦୨୬-୨୦୨୭ ଶିକ୍ଷା ବର୍ଷ ପାଇଁ ସମର୍ପିତ ଛାତ୍ରମାନଙ୍କୁ ଆମ କଲେଜକୁ ପ୍ରେରଣ କରିବା ପାଇଁ ଅନୁରୋଧ କରୁଅଛୁ ।

Posted at "Egmore RMS Patrika Channel" RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## OUR BANK DETAILS:

### *1. Bank : State Bank of India*

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### *2. Bank : ICICI Bank*

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### *3. Bank : State Bank of India*

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

## OUR QR CODE:

ECHO OF HIS CALL

Scan to pay with any UPI app

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାଖାନା, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ପ୍ରୋତ୍ସାହନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ / ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

ଆମର ଠିକଣା :

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.org

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS Patrika Channel"**
**on 18th APRIL 2026.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

*JESUS LOVES YOU!*

To

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**